# NATIONAL NEWS BULLETIN (ODIA)
## 5 October - 2025
## Evening Bulletin : 7.15 p.m.

******************************

## ମୁଖ୍ୟ ସମ୍ବାଦ

- ଦାର୍ଜିଲିଂରେ ପ୍ରବଳ ବର୍ଷା ଏବଂ ଭୂସ୍ଖଳନ ଜନିତ ଜୀବନହାନୀ ଘଟଣାରେ ଶୋକପ୍ରକାଶ କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ
- ବିହାର ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ସମ୍ପର୍କରେ ଖୁବ୍‌ଶୀଘ୍ର ନିଆଯିବ ନିଷ୍ପତ୍ତି; କହିଲେ ମୁଖ୍ୟ ନିର୍ବାଚନ ଆୟୁକ୍ତ
- ଅଷ୍ଟ୍ରେଲିଆକୁ ଚଳିତ ମାସ ୯ ତାରିଖରୁ ଦୁଇଦିନିଆ ସରକାରୀ ଗସ୍ତରେ ଯିବେ ପ୍ରତିରକ୍ଷା ମନ୍ତ୍ରୀ
- ନେପାଳରେ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ୪୭ ଜଣଙ୍କର ମୃତ୍ୟୁ

– ଶୋକବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ଏବଂ

- କଲୋମ୍ବରେ ଅନୁଷ୍ଠିତ ମହିଳା ଏକଦିବସୀୟ ବିଶ୍ୱକପ୍ କ୍ରିକେଟ ମ୍ୟାଚ୍‌ରେ ପାକିସ୍ତାନ ସାମ୍ନାରେ ୨୪୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ଭାରତ

## ପ୍ରେଜ୍,ଭିପି, ପିଏମ୍ ଦାର୍ଜିଲିଂ ଆକ୍ସିଡେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାର୍ଜିଲିଂ ସେତୁ ଦୁର୍ଘଟଣା ଯୋଗୁଁ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ଦାର୍ଜିଲିଂରେ ପ୍ରବଳ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ଘଟିଥିବା ଜୀବନହାନୀ ଦୁଃଖଦ ଅଟେ। ସେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ଉଦ୍ଧାର ଓ ରିଲିଫ କାର୍ଯ୍ୟର ସଫଳତା ପାଇଁ ପ୍ରାର୍ଥନା କରିବା ସହ ଆହତମାନଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି। ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନ ମଧ୍ୟ ଗଭୀର ଦୁଃଖ ପ୍ରକାଶ କରିବା ସହ ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସମବେଦନା ଜଣାଇବା ସହ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ସେ କହିଛନ୍ତି, ପ୍ରବଳ ବର୍ଷା ଏବଂ ଭୂସ୍ଖଳନ ପରେ ଦାର୍ଜିଲିଂ ଏବଂ ଆଖପାଖ ଅଞ୍ଚଳର ପରିସ୍ଥିତି

ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ପ୍ରଭାବିତ ଲୋକଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରିବା ଲାଗି ସରକାର ପ୍ରତିବଦ୍ଧ ବୋଲି ସେ କହିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଦାର୍ଜିଲିଂରେ ପ୍ରବଳ ବର୍ଷା ଯୋଗୁଁ ପ୍ରାଣହାନି ପାଇଁ ଶୋକ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀର ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି ଏବଂ ଆବଶ୍ୟକ ହେଲେ ଅଧିକ ଦଳ ଯୋଗଦେବା ପାଇଁ ପ୍ରସ୍ତୁତ ଅଛନ୍ତି। ଶ୍ରୀ ଶାହା ଦାର୍ଜିଲିଂ ସାଂସଦ ରାଜୁ ବିଷ୍ଟଙ୍କ ସହ କଥା ହୋଇ ପରିସ୍ଥିତିର ସମୀକ୍ଷା କରିଛନ୍ତି।

ପଶ୍ଚିମବଙ୍ଗର ଦାର୍ଜିଲିରେ ଅବିଶ୍ରାନ୍ତ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ଗୋର୍ଖାଲ୍ୟାଣ୍ଡ ଅଞ୍ଚଳରେ ଗତ ସନ୍ଧ୍ୟା ପରଠାରୁ ୨୦ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

## ବିହାର ସିଇସି

ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର କହିଛନ୍ତି, ବିହାର ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ସମ୍ପର୍କରେ ନିଷ୍ପତ୍ତି ଖୁବ୍‌ଶୀଘ୍ର ନିଆଯିବ।

ନିର୍ବାଚନ କମିଶନଙ୍କ ରାଜ୍ୟକୁ ଦୁଇ ଦିନିଆ ସମୀକ୍ଷା ଗସ୍ତର ଶେଷ ଦିନରେ ପାଟନାରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ନିର୍ବାଚନ

କମିଶନର କହିଛନ୍ତି, କମିଶନ ରାଜନୈତିକ ଦଳଗୁଡ଼ିକ ସହିତ ଆଲୋଚନା କରିଛନ୍ତି ଓ  ମତାମତ ଶୁଣିଛନ୍ତି। ମତଦାନ ସୂଚୀ ଚୂଡ଼ାନ୍ତ କରିବା ସମୟରେ ସମସ୍ତ ଦିଗକୁ ବିଚାରକୁ ନିଆଯିବ।

ମୁଖ୍ୟ ନିର୍ବାଚନ କମିଶନର କହିଛନ୍ତି, ୨୦୨୫ ବିହାର ବିଧାନସଭା ନିର୍ବାଚନରେ ଭୋଟର, ରାଜନୈତିକ ଦଳ ଏବଂ ସମସ୍ତ ଅଂଶୀଦାରମାନଙ୍କର ଏକ ସୁଖଦ ଅଭିଜ୍ଞତା ରହିବ, କାରଣ ବିହାରରେ ବିଧାନସଭା ନିର୍ବାଚନ ପୂର୍ବରୁ ମୁକ୍ତ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ ୧୭ଟି ନୂତନ ପଦକ୍ଷେପ ଆରମ୍ଭ କରାଯାଇଛି। ସେ କହିଛନ୍ତି, ସମସ୍ତ ମତଦାନ କେନ୍ଦ୍ରରେ ଶତ ପ୍ରତିଶତ ୱେବକାଷ୍ଟିଂ କାର୍ଯ୍ୟକାରୀ କରାଯିବ।

ମୁଖ୍ୟ ନିର୍ବାଚନ କମିଶନର କହିଛନ୍ତି, ରାଜନୈତିକ ଦଳଗୁଡ଼ିକୁ ମତଦାନ କେନ୍ଦ୍ରଠାରୁ ମାତ୍ର ୧୦୦ ମିଟର ଦୂରରେ ପୋଲିଂ ଏଜେଣ୍ଟ ବୁଥ୍ ସ୍ଥାପନ କରିବାକୁ ଅନୁମତି ଦିଆଯିବ। ଆଧାର ବ୍ୟବହାର ସମ୍ପର୍କରେ ମୁଖ୍ୟ ନିର୍ବାଚନ କମିଶନର କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି, କମିଶନ ଭୋଟରଙ୍କଠାରୁ ଆଧାର ବିବରଣୀ ଗ୍ରହଣ କରୁଛନ୍ତି। ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ସମୟରେ ଆଧାର ସଂଗ୍ରହ କରାଯାଇଥିଲେ ମଧ୍ୟ, ଏହାକୁ ବାସସ୍ଥାନ, ଜନ୍ମ ତାରିଖ କିମ୍ବା ନାଗରିକତାର ବୈଧ ପ୍ରମାଣ ଭାବରେ ବିବେଚନା କରାଯାଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଭୋଟର ପଞ୍ଜିକରଣ ପାଇଁ କମିଶନ ଦ୍ୱାରା ନିର୍ଦ୍ଧାରିତ ଅନ୍ୟାନ୍ୟ ଦସ୍ତାବିଜ୍‌ର ଆବଶ୍ୟକତା ଉପରେ ଶ୍ରୀ କୁମାର ଗୁରୁତ୍ୱାରୋପ କରିଛନ୍ତି।

## ପିଏମ୍- ମୋହିଲାରି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବୋଡୋଲ୍ୟାଣ୍ଡ ପ୍ରାଦେଶିକ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଶପଥ ଗ୍ରହଣ କରିଥିବାରୁ ହଗ୍ରାମା ମୋହିଲାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋହିଲାରୀ ଏବଂ ତାଙ୍କ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ମହାନ ବୋଡୋଫା ଉପେନ୍ଦ୍ରନାଥ ବ୍ରହ୍ମାଙ୍କ ଦୃଷ୍ଟିକୋଣକୁ ସାକାର କରିବା ସହ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା କ୍ଷେତ୍ରରେ ଆସାମ ସରକାର’ ପରିଷଦ ସହ ସମନ୍ୱୟ ରଖି କାର୍ଯ୍ୟ କରିବେ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି।

## ଅମିତ ଶାହା- ସ୍ୱଦେଶ ପ୍ରଡକ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କେବଳ ସ୍ୱଦେଶୀ ଉତ୍ପାଦ ବ୍ୟବହାର ଆହ୍ୱାନକୁ ପାଳନ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଦେଶର କୃଷକମାନଙ୍କୁ ଆହ୍ୱାନ ଦେଇଛନ୍ତି। ସେ ମହାରାଷ୍ଟ୍ରର ଅହଲ୍ୟାନଗର ଜିଲ୍ଲାରେ ପଦ୍ମଶ୍ରୀ ଡକ୍ଟର ବିଠଲରାଓ ଭିଖେ ପାଟିଲ ଏବଂ ପଦ୍ମଭୂଷଣ ଡକ୍ଟର ବାଲାସାହେବ ବିଠଲରାଓ ଭିଖେ ପାଟିଲଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

କରିଛନ୍ତି । ଏହି  ଅବସରରେ ଶ୍ରୀ ଶାହ କହିଛନ୍ତି, ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତ ଏକ ବିଶାଳ ବଜାରର ପ୍ରତିନିଧିତ୍ୱ କରେ । ସେ କହିଛନ୍ତି, ନାଗରିକମାନଙ୍କର ସ୍ୱଦେଶୀ ଉତ୍ପାଦ ବ୍ୟବହାର ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ଉଲ୍ଲେଖନୀୟ ଭାବରେ ତ୍ୱରାନ୍ୱିତ କରିବ ।

# ରାଜନାଥ ଅଷ୍ଟ୍ରେଲିଆ ଭିଜିଟ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଚଳିତ ମାସ ୯ ତାରିଖରୁ ଅଷ୍ଟ୍ରେଲିଆକୁ ଦୁଇ ଦିନିଆ ସରକାରୀ ଗସ୍ତରେ ଯିବେ । ଅଷ୍ଟ୍ରେଲିଆର ଉପ-ପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ  ରିଚାର୍ଡ ମାର୍ଲେସଙ୍କ ନିମନ୍ତ୍ରଣକ୍ରମେ ମନ୍ତ୍ରୀ ଅଷ୍ଟ୍ରେଲିଆ ଗସ୍ତ କରୁଛନ୍ତି ।  ଏହି ଅବସରରେ ସେ ତାଙ୍କ ଅଷ୍ଟ୍ରେଲୀୟ ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି । ପ୍ରତିରକ୍ଷା ମନ୍ତ୍ରୀ ସିଡନୀରେ ଏକ ବ୍ୟବସାୟିକ ଗୋଲଟେବୁଲ ବୈଠକରେ ଅଧକ୍ଷତା କରିବାର ମଧ କାର୍ଯ୍ୟକ୍ରମ ରହିଛି, ଯେଉଁଥିରେ ଉଭୟ ପକ୍ଷର ଶିଳ୍ପ ନେତାମାନେ ଯୋଗଦେବେ । ସେ ଅଷ୍ଟ୍ରେଲିଆର ଅନ୍ୟାନ୍ୟ ଜାତୀୟ ନେତାମାନଙ୍କୁ ମଧ ଭେଟିବେ । ମନ୍ତ୍ରଣାଳୟ ଆହୁରି କହିଛି, ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ପ୍ରତିରକ୍ଷା ସହଭାଗୀତାକୁ ମଜବୁତ କରିବା ପାଇଁ ନୂତନ ଏବଂ ଅର୍ଥପୂର୍ଣ୍ଣ ପଦକ୍ଷେପ ଅନୁସନ୍ଧାନ କରିବା ପାଇଁ ଉଭୟ ପକ୍ଷକୁ ସୁଯୋଗ ପ୍ରଦାନ କରିବ ।  ଏହି

ଗସ୍ତ ସମୟରେ ତିନୋଟି ଚୁକ୍ତି ସ୍ୱାକ୍ଷରିତ ହେବାର ଯୋଜନା ରହିଛି, ଯାହା ସୂଚନା ଆଦାନପ୍ରଦାନ, ସାମୁଦ୍ରିକ କ୍ଷେତ୍ର ଏବଂ ମିଳିତ କାର୍ଯ୍ୟକଳାପ କ୍ଷେତ୍ରରେ ସହଯୋଗକୁ ଆହୁରି ବୃଦ୍ଧି କରିବ।

## ନାମଚିକ୍ କୋଲ୍ ବ୍ଲକ

କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ଆସନ୍ତାକାଲି ଅରୁଣାଚଳ ପ୍ରଦେଶର ପ୍ରଥମ ବାଣିଜ୍ୟିକ କୋଇଲା ଖଣି ନାମଚିକ୍-ନାମ୍ଫୁକ୍ କୋଇଲା ବ୍ଲକର ଭୂମି ପୂଜନ କରିବେ। କୋଇଲା ମନ୍ତ୍ରଣାଳୟ ସୂଚନା ଦେଇ କହିଛି, ଏହି ଖଣି ରାଜ୍ୟ ପାଇଁ ରାଜସ୍ୱ ଭାବରେ ବାର୍ଷିକ ୧୦୦ କୋଟି ଟଙ୍କାରୁ ଅଧିକ ଆୟ କରିବ ବୋଲି ଆଶା କରାଯାଉଛି। ଯାହା ଯୁବକମାନଙ୍କ ପାଇଁ ନିଯୁକ୍ତି ଏବଂ ସମୃଦ୍ଧି ସୃଷ୍ଟି କରିବ। ମନ୍ତ୍ରଣାଳୟ କହଛି, ଏହି ପଦକ୍ଷେପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ ରୂପାନ୍ତରଣକୁ ଆଗକୁ ବଢ଼ାଉଛି।

## ନେପାଳ ରେନ୍ସ

ନେପାଳରେ ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ ଏବଂ ବନ୍ୟା ଯୋଗୁଁ ରାସ୍ତା ଅବରୋଧ, ପୋଲ ଧୋଇ ହୋଇଯିବା ଫଳରେ ଅତି କମରେ ୪୭ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

ନେପାଳର ଜାତୀୟ ବିପର୍ଯ୍ୟୟ ବିପଦ ହ୍ରାସ ଏବଂ ପରିଚାଳନା କର୍ତ୍ତୃପକ୍ଷର ମୁଖପାତ୍ର ଶାନ୍ତି ମହତ କହିଛନ୍ତି, ନିଖୋଜ ବ୍ୟକ୍ତିଙ୍କ ପାଇଁ ଉଦ୍ଧାର କାର୍ଯ୍ୟ ଚାଲିଛି। ଘରୋଇ ବିମାନ ଚଳାଚଳ ପ୍ରାୟତଃ ବାଧାପ୍ରାପ୍ତ ହୋଇଛି କିନ୍ତୁ ଅନ୍ତର୍ଜାତୀୟ ବିମାନଗୁଡ଼ିକ ସ୍ୱାଭାବିକ ଭାବରେ ଚାଲୁଛି। ଦକ୍ଷିଣ ପୂର୍ବ ନେପାଳରେ, କୋଶି ନଦୀ ବିପଦ ସ୍ତର ଉପରେ ପ୍ରବାହିତ ହେଉଛି। ପାହାଡ଼ ପର୍ବତ ଘେରା କାଠମାଣ୍ଡୁରେ, ଅନେକ ନଦୀ ବନ୍ଧ ଭାଙ୍ଗିବା ଫଳରେ ମନ୍ଦିର ଘେରା ରାଜଧାନୀକୁ ଦେଶର ଅନ୍ୟାନ୍ୟ ଅଂଶରୁ ସଡ଼କପଥରେ ବିଚ୍ଛିନ୍ନ କରିଦେଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ନେପାଳରେ ପ୍ରବଳ ବର୍ଷା ଯୋଗୁଁ ହୋଇଥିବା ଜୀବନହାନି ଏବଂ କ୍ଷୟକ୍ଷତି ଦୁଃଖଦ। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଏହି କଷ୍ଟକର ସମୟରେ ଭାରତ ନେପାଳର ଜନସାଧାରଣ ଏବଂ ସରକାରଙ୍କ ସହିତ ଦୃଢ଼ତାର ସହ ରହିଛି। ସେ କହିଛନ୍ତି ଏକ ବନ୍ଧୁତ୍ୱପୂର୍ଣ୍ଣ ପଡ଼ୋଶୀ ଭାବେ ଭାରତ' ଯେ କୌଣସି ସମ୍ଭାବ୍ୟ ସହାୟତା ଯୋଗାଇବାକୁ ପ୍ରତିବଦ୍ଧ।

## ଏମ୍‌ପି ସିରପ୍

ମଧ୍ୟପ୍ରଦେଶର ଛିନ୍ଦୱାଡା ଜିଲ୍ଲାରେ କଫ ସିରପ୍ ଖାଇ ୧୧ ଜଣ ଶିଶୁଙ୍କ ମୃତ୍ୟୁ ପରେ ରାଜ୍ୟ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଡାକ୍ତର ଏବଂ ନିର୍ମାତା କମ୍ପାନୀ ବିରୁଦ୍ଧରେ ଏକ ମାମଲା ରୁଜୁ ହୋଇଛି।

ଡାକ୍ତର ପ୍ରବୀଣ ସୋନିଙ୍କୁ ଗତକାଲି ରାତିରେ ଗିରଫ କରାଯାଇଛି। ତାମିଲନାଡୁର ଔଷଧ ନିର୍ମାତା ଶ୍ରୀସାନ ଫାର୍ମାସ୍ୟୁଟିକାଲ୍ସ ବିରୁଦ୍ଧରେ ମାମଲା ରୁଜୁ ହେବା ପରେ, ସ୍ୱତନ୍ତ୍ର ତଦନ୍ତକାରୀ ଦଳ ତାମିଲନାଡୁରେ ତଦନ୍ତ କରିବ। ଇତିମଧ୍ୟରେ ଗତକାଲି ପ୍ରକାଶିତ ଏକ ରିପୋର୍ଟରେ ନିଶ୍ଚିତ କରାଯାଇଛି, କୋଲଡରିଫ୍ କଫସିରପ୍‌ରେ କ୍ଷତିକାରକ ଡାଇଥାଇଲିନ୍ ଗ୍ଲାଇକଲ୍ ପରିମାଣ ୪୮ ଦଶମିକ ୬ ପ୍ରତିଶତ ଥିଲା।

## ଇଣ୍ଡୋନେସିଆ ସ୍କୁଲ ଡେଥ ଟ୍ରୋଲ

ଇଣ୍ଡୋନେସିଆର ଏକ ବିଦ୍ୟାଳୟ ଭୁଶୁଡ଼ିବା ଘଟଣାରେ ମୃତ୍ୟୁ ସଂଖ୍ୟା ୩୭କୁ ବୃଦ୍ଧି ପାଇଛି। ଉଦ୍ଧାରକାରୀ ମାନେ  ଭଗ୍ନାବଶେଷ ତଳେ ଚାପି ହୋଇ ରହିଥିବା ଅନେକ ପିଡ଼ିତଙ୍କୁ ଉଦ୍ଧାର କରିଛନ୍ତି। ଜାତୀୟ ଉଦ୍ଧାରକାରୀ ସଂସ୍ଥା କହିଛି, ନିଖୋଜ ଘୋଷିତ ୨୭ ଜଣ ଛାତ୍ରଙ୍କ ମୃତଦେହ  ଖୋଜିବା  ପ୍ରୟାସ ସପ୍ତମ ଦିନରେ ମଧ୍ୟ ଜାରି ରହିଛି। ଅଧିକାଂଶ ୧୩ରୁ ୧୯ ବର୍ଷ ବୟସର କିଶୋର ବାଳକ ଭଗ୍ନାବଶେଷ

ତଳେ ଫସି ରହିଛନ୍ତି। ଗତ ସୋମବାର ଦିନ ଛାତ୍ରମାନେ ଅପରାହ୍ନ ପ୍ରାର୍ଥନା ପାଇଁ ଏକାଠି ହେଉଥିବା ସମୟରେ ଇଣ୍ଡୋନେସିଆର ଜାଭା ଦ୍ୱୀପରେ ଥିବା ବହୁ ମହଲା ଅଟ୍ଟାଳିକାର ଏକ ଅଂଶ ହଠାତ୍ ଭୁଶୁଡ଼ି ପଡ଼ିଥିଲା।

## ବିଶ୍ୱ ପାରା ଚାମ୍ପିଅନସିପ୍

ବିଶ୍ୱ ପାରା ଚାମ୍ପିଅନସିପରେ ସିମରନ ଶର୍ମା ତାଙ୍କର ଚମତ୍କାର ଫର୍ମ ଜାରି ରଖିଛନ୍ତି। ଆଜି ମହିଳା ୨୦୦ ମିଟର ଟି-୧୨ ଫାଇନାଲରେ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୨୪ ଦଶମିକ ୪୬ ସେକେଣ୍ଡରେ ଦୌଡ଼ ସମ୍ପନ୍ନ କରି ସେ  ତୃତୀୟ ସ୍ଥାନ ହାସଲ କରିଛନ୍ତି। କଲମ୍ବିଆର ପେରେଜ ଲୋପେଜ ସ୍ୱର୍ଣ୍ଣ ଏବଂ ବ୍ରାଜିଲର ବାରୋସ ଡା ସିଲଭା ରୌପ୍ୟ ପଦକ ବିଜୟ ହୋଇଛନ୍ତି। ସିମରନଙ୍କ ଏହା ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପରେ ସିମରନଙ୍କ ଦ୍ୱିତୀୟ ପଦକ।  ଏହା ସହିତ ଭାରତର ମୋଟ ପଦକ ସଂଖ୍ୟା ଏବେ ୧୯ କୁ ବୃଦ୍ଧି ପାଇଛି।

## ୱିମ୍ସେ ବିଶ୍ୱକପ୍ କ୍ରିକେଟ

କଲମ୍ବୋର ଆର୍.ପ୍ରେମଦାସା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମହିଳା ଏକଦିବସୀୟ ବିଶ୍ୱକପ୍ ୱିକେଟ ମ୍ୟାଚ୍‌ରେ ଭାରତର ବ୍ୟାଟିଂ ଜାରି ରହିଛି। ପାକିସ୍ତାନ ଟସ୍ ଜିତି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ସମସ୍ତ ୱିକେଟ୍

ହରାଇ ୨୪୭ ରନ୍ ସଂଗ୍ରହ କରିଛି। ପାକିସ୍ତାନ ସାମ୍ନାରେ ୨୪୮ ରନ୍‌ର ବିଜୟ ଲକ୍ଷ୍ୟ ରହିଛି। ପୂର୍ବରୁ ପାକିସ୍ତାନ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା।